


# ସତ୍ୟବାର୍ତ୍ତା

(THE VOICE OF TRUTH)

JULY - AUGUST
2004

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST



# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884 - 2363722

**Vol. 9. July & August 2004 (No. 4)**

**Published every two months in Oriya Language for the Restoration of pure New Testament Christianity**

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - IX　　KAKINADA　　JULY.-AUG.**

## ଅଧ୍ୟକ୍ଷ ଓ ସେବକମାନଙ୍କ ଭାର୍ଯ୍ୟାମାନଙ୍କ ଯୋଗ୍ୟତା

### (Qualifications of wives of Elders and Deans)

ସ୍ତ୍ରୀମାନେ ମଣ୍ଡଳୀରେ ଅଧ୍ୟକ୍ଷ ବା ସେବକ ରୂପେ ପଦଗ୍ରହଣ କରିପାରନ୍ତି ବୋଲି ଧର୍ମଶାସ୍ତ୍ର ବାଇବଲର କୌଣସି ପୁସ୍ତକରେ ଲିଖିତ ହୋଇନାହିଁ । ୧ମ ତିମଥି ୩ୟ ପର୍ବ ଓ ତିତସ ୧ମ ପର୍ବରେ ଅଧ୍ୟକ୍ଷ ପଦ ନିମନ୍ତେ ଯୋଗ୍ୟ ପୁରୁଷମାନଙ୍କ ଯୋଗ୍ୟତା ଲିଖିତ ହୋଇଅଛି । ଏହି ଅଧ୍ୟାୟ ଅନୁଯାୟୀ ଜଣେ ସ୍ତ୍ରୀ, ''ଏକ ସ୍ତ୍ରୀର ସ୍ୱାମୀ'' ହେବା ଅସମ୍ଭବ । ଅର୍ଥାତ୍ କେବଳ ପୁରୁଷମାନେ ମଣ୍ଡଳୀର ଅଧ୍ୟକ୍ଷ ଓ ସେବକ ହେବାର ଯୋଗ୍ୟ କିନ୍ତୁ ସ୍ତ୍ରୀମାନେ ନୁହେଁ ।

ପ୍ରତ୍ୟେକ ଅଧ୍ୟକ୍ଷ ଏକ ସ୍ତ୍ରୀର ସ୍ୱାମୀ ଓ ବିଶ୍ୱାସୀ ସନ୍ତାନ ରହିବା ଆବଶ୍ୟକ । ଆପଣା ପରିବାରକୁ ବିଶ୍ୱାସରେ ବଢ଼ାଇ, ସେ ମଣ୍ଡଳୀର ନେତୃତ୍ୱ ଗ୍ରହଣ କରିବାରେ ଯୋଗ୍ୟ ହୋଇପାରନ୍ତି । ପରିବାରରେ ସାହାଯ୍ୟକାରୀ ସ୍ତ୍ରୀର ପାତ୍ର ଅତ୍ୟନ୍ତ ପ୍ରଶଂସନୀୟ ।

ଅଧ୍ୟକ୍ଷ ଓ ସେବକଙ୍କ ସ୍ତ୍ରୀ ପୂର୍ବରୁ ବିବାହିତା କିଅବା ପ୍ରଥମ ସ୍ୱାମୀ ପରିତ୍ୟକ୍ତା ହୋଇ ନଥିବେ । ଅଧ୍ୟକ୍ଷଙ୍କ ପରିବାରର ପ୍ରତ୍ୟେକ ସନ୍ତାନ ମଣ୍ଡଳୀର ସଭ୍ୟ ହେବା ଏବଂ ସେବକଙ୍କ ପରିବାରର ସନ୍ତାନମାନେ ଈଶ୍ୱରଙ୍କ ଭୟଭକ୍ତିରେ ପାଳିତ ଆବଶ୍ୟକ । (୧ମ ତୀମଥି ୩:୧୩)

ଅଧ୍ୟକ୍ଷଙ୍କ ଅନ୍ୟସବୁ ଯୋଗ୍ୟତା :-

୧) ସନ୍ତାନସନ୍ତତିମାନେ ବିଶ୍ୱସ୍ତ ହେବା ଆବଶ୍ୟକ
୨) ମିତଭୋଗୀ
୩) ବିବାଦପ୍ରିୟ ନହେବା ଆବଶ୍ୟକ
୪) ମୃଦୁଶୀଳ
୫) ସମସ୍ତ ବିଷୟରେ ବିଶ୍ୱସ୍ତ ।

ଗୋଟିଏ କିଅବା ଦୁଇଟି ଯୋଗ୍ୟତା ବ୍ୟତୀତ, ଅଧ୍ୟକ୍ଷ ଓ ସେବକମାନଙ୍କ ସ୍ତ୍ରୀମାନଙ୍କୁ ଆପଣା ଆପଣା ସ୍ୱାମୀର ଯୋଗ୍ୟତା ହାସଲ କରିବା ଆବଶ୍ୟକ । ୧ମ ତୀମଥି ୩:୧୧ ପଦନୁଯାୟୀ, ସ୍ତ୍ରୀମାନେ ପରନିନ୍ଦାକାରିଣୀ ଓ ସମସ୍ତ ବିଷୟରେ ବିଶ୍ୱସ୍ତା ହେବା ଆବଶ୍ୟକ । ମଣ୍ଡଳୀର ଅନ୍ୟସଭ୍ୟମାନଙ୍କ ସହିତ ମଧୁର ବ୍ୟବହାର କରିବା ଆବଶ୍ୟକ । ଅନ୍ୟମାନଙ୍କ ନିମନ୍ତେ ସେମାନେ ଆଦର୍ଶ ସ୍ୱରୂପ ଅଟନ୍ତି । ପରିନିନ୍ଦାକାରିଣୀ କିଅବା, ଇର୍ଷା ବା ହିଂସା ନକରି ମୃଦୁଭାବରେ ବ୍ୟବହାର କରିବା ଆବଶ୍ୟକ । କ୍ଷମାଶୀଳ ହୃଦୟରେ ଉତ୍ତମକାର୍ଯ୍ୟରେ ଲିପ୍ତ ରହିଲେ, ପ୍ରକୃତ ଖ୍ରୀଷ୍ଟିୟାନ ସ୍ତ୍ରୀ ହୋଇପାରିବେ ।

ଅଧ୍ୟକ୍ଷ ଓ ସେବକମାନଙ୍କ ସ୍ତ୍ରୀମାନେ ମଣ୍ଡଳୀର ସେବା କାର୍ଯ୍ୟରେ ସାହାଯ୍ୟକାରୀ କିନ୍ତୁ ଆପଣା ଆପଣା ସ୍ୱାମୀମାନଙ୍କୁ ନିର୍ଦ୍ଦେଶନା ଦେବାକୁ ସେମାନଙ୍କୁ ଅନୁମତି ବାକ୍ୟରେ ଦିଆଯାଏ ନାହିଁ । ସ୍ୱାମୀମାନଙ୍କୁ ନିର୍ଦ୍ଦେଶିତ କରିବା ଦ୍ୱାରା ସେମାନେ ତଥା ମଣ୍ଡଳୀର ଅନ୍ୟାନ୍ୟ ସଭ୍ୟମାନେ ବିଘ୍ନ ପାଇବାର ସମ୍ଭାବନା ଥାଏ । ଯେଉଁମାନେ ଆପଣା ଆପଣା ସ୍ତ୍ରୀମାନଙ୍କ ବଶୀଭୂତ ଏପରି ଅଧ୍ୟକ୍ଷମାନେ ମଣ୍ଡଳୀର ନେତୃତ୍ୱ ବହନ କରିବାରେ ସକ୍ଷମ ନୁହନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ସେମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ଅତ୍ୟାଚାର କରିପାରନ୍ତି । କିନ୍ତୁ ପରିବାର ମୁଖ୍ୟଭାବେ ବୁଦ୍ଧି ସହିତ ଆପଣା ପରିବାର ପରିଚାଳିତ କରିବା ଲୋକେ ମଣ୍ଡଳୀର ତତ୍ତ୍ୱାବଧାନ କରିପାରନ୍ତି ।

ଯଦିଓ ଅଧ୍ୟକ୍ଷ ଓ ସେବକମାନଙ୍କ ଭାର୍ଯ୍ୟାମାନେ ମଣ୍ଡଳୀରେ ନେତୃତ୍ୱ ବହନ କରି ନପାରନ୍ତି, ତଥାପି ସୋମାନଙ୍କ ସହଯୋଗ ନଗଣ୍ୟ ନୁହେଁ । ପରିବାରର ବିଶ୍ୱସ୍ତ ଖ୍ରୀଷ୍ଟିୟାନ ସ୍ତ୍ରୀ ସମାଜରେ ପ୍ରଶଂସିତ ଏବଂ ନେତୃତ୍ୱ ବହନକାରୀ ସ୍ୱାମୀମାନଙ୍କ ଦକ୍ଷିଣହସ୍ତ ଅଟନ୍ତି । ଏହିପରି ସ୍ତ୍ରୀମାନେ ଆପଣା ଆପଣା ସନ୍ତାନମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ଲାଳିତପାଳିତ କରିବା ସଙ୍ଗେ, ମଣ୍ଡଳୀ ଅଭିବୃଦ୍ଧି ନିମନ୍ତେ ପରିଶ୍ରମ କରିଥାନ୍ତି ।

ମଣ୍ଡଳୀର କାର୍ଯ୍ୟରେ ସେମାନେ କିପରି ସାହାଯ୍ୟ କରିପାରନ୍ତି ? ବାଳକବାଳିକାମାନଙ୍କୁ, ସ୍ତ୍ରୀମାନଙ୍କୁ ଶିକ୍ଷା ଦେଇପାରନ୍ତି । ପ୍ରତ୍ୟେକ ଖ୍ରୀଷ୍ଟିୟ ପରିବାର, ଅନ୍ୟମାନଙ୍କ ନିମନ୍ତେ ଆତିଥ୍ୟଶାଳା ହେଉ । ବ୍ୟକ୍ତିଗତଭାବେ ଈଶ୍ୱରଙ୍କ ସୁସମାଚାର ପ୍ରସାର କରିବାରେ, ଆପଣା ଆପଣା ସ୍ୱାମୀଙ୍କର ସହକର୍ମୀ ହେବାରେ, ଦୁଃଖକଷ୍ଟରେ ପୀଡ଼ିତ ମାନଙ୍କର ପରାମର୍ଶ କରିବା ଅଧ୍ୟକ୍ଷ ଓ ସେବକମାନଙ୍କ ପ୍ରଧାନ କାର୍ଯ୍ୟ ।

ବିବାହିତ ଯୁବତୀ ଖ୍ରୀଷ୍ଟିୟାନ ସ୍ତ୍ରୀମାନେ, ଆପଣା ଆପଣା ସ୍ୱାମୀର ଆତ୍ମିକ ଅଭିବୃଦ୍ଧିରେ ସାହାଯ୍ୟ କରିପାରନ୍ତି । ଏପରି ଅଭିବୃଦ୍ଧି ଗାଇ ପୁରୁଷମାନେ ସେବକ ଓ ଅଧ୍ୟକ୍ଷଙ୍କର କାର୍ଯ୍ୟଭାର ଗ୍ରହଣ କରିବାରେ ସକ୍ଷମ ହୁଅନ୍ତି । ମଣ୍ଡଳୀର ସେବାକାର୍ଯ୍ୟରେ ସ୍ତ୍ରୀମାନଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ।

**- J.C. Choate**

❊❊❊

# "...ମୁଁ ଇଚ୍ଛା କରୁଅଛି, ଶୁଚୀ ହୁଅ"

## (I will, be thou clean)

ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତ ଉପରେ ଉପଦେଶ ଦେବାପରେ ପର୍ବତରୁ ଓହ୍ଲାଇ ଆସନ୍ତେ, ବହୁ ସଂଖ୍ୟକ ଲୋକ ତାହାଙ୍କ ଅନୁଗମନ କଲେ । ସେମାନଙ୍କ ମଧ୍ୟରୁ ଜଣେ କୁଷ୍ଠୀ, ଆପଣା କୁଷ୍ଠ ରୋଗରୁ ସୁସ୍ଥ କରିବାକୁ ତାହାଙ୍କୁ ଅନୁରୋଧ କଲେ । ଭୟଙ୍କର ବ୍ୟାଧିରେ ଆଘାତ ସେହି ବ୍ୟକ୍ତି, ଆପଣା ପରିବାର ଓ ସମାଜ ଠାରୁ ଦୂରରେ ରହୁଥିଲା । କେବଳ ଈଶ୍ୱର ତାହାଙ୍କୁ ସୁସ୍ଥ କରିପାରିବେ, ଏହା ତାହାଙ୍କର ଦୃଢ଼ ବିଶ୍ୱାସ ଥିଲା । ସେ ଦୂରରୁ ପ୍ରଭୁଯୀଶୁଙ୍କ ପର୍ବତ ଉପଦେଶ ଶୁଣି ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମରେ ବିଶ୍ୱାସ କରି, ତାହାଙ୍କ ନିକଟକୁ ଆସିଥିଲା ।

ଶ୍ରବଣରୁ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) । ସେ ଯୀଶୁଙ୍କ ବିଷୟରେ ତଥା ଯୀଶୁଙ୍କ ଉପଦେଶ ଶୁଣି, ସେ ଯେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ଏହା ସେ ବିଶ୍ୱାସ କରିଥିଲା । ସେ, "...ତାହାଙ୍କ ନିକଟକୁ ଆସି ପ୍ରଣାମ କରି କହିଲା, ହେ ପ୍ରଭୁ, ଆପଣ ଯଦି ଇଚ୍ଛା କରନ୍ତି, ତାହାହେଲେ ମୋତେ ଶୁଚୀ କରିପାରନ୍ତି ।" (ମାଥିଉ ୮:୨) । ଏହି ପଦଗୁଡ଼ିକରେ ସେ ଆପଣା ଦୃଢ଼ ବିଶ୍ୱାସ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ଆପଣା ସୁସ୍ଥତାର ଭିକ୍ଷା କରିଥିଲେ ।

ଏହି ଘଟଣା ଆମ୍ଭମାନଙ୍କ ଜୀବନ ନିମନ୍ତେ ଅନେକ ଶିକ୍ଷା ଦିଏ । ଆପଣା ଅସୁସ୍ଥତାରୁ ସୁସ୍ଥତା ପ୍ରାପ୍ତ ହେବାକୁ ଇଚ୍ଛା କରିବା କୁଷ୍ଠରୋଗୀ ପକ୍ଷରେ ସ୍ୱାଭାବିକ । ଅରାମୀୟ ରାଜାର ସେନାପତି ନାମନ, ଜଣେ ସମ୍ଭ୍ରାନ୍ତ ଓ ମହା ବିକ୍ରମଶାଳୀ ବ୍ୟକ୍ତି ଥିଲେ ହେଁ, ସେ ଜଣେ କୁଷ୍ଠୀ । ସେ ଆପଣା ବାଳିକା ଦାସୀର ନିର୍ଦ୍ଦେଶନାରେ ଶମରିୟାକୁ ଯାତ୍ରା କରି, ଇଲିଶାୟ ଭାବବାଦୀଙ୍କ ଦ୍ୱାରା ସୁସ୍ଥତା ପ୍ରାପ୍ତ ହୋଇଥିଲେ । (୨ୟ ରାଜାବଳି ୫ମ ପର୍ବ) । ବେଥେସଦା ତଟରେ, ସୁସ୍ଥତାର ଆଶାରେ ଅଠତିରିଶି ବର୍ଷରୁ ପଡ଼ିରହିଥିବା ଏକ ରୋଗୀକୁ, ପ୍ରଭୁ କହିଲେ, "... ତୁମେ କଅଣ ସୁସ୍ଥ ହେବାକୁ ଇଚ୍ଛା କରୁଅଛ ?" (ଯୋହନ ୫:୬) ତପୂରେ ସେ ତାହାଙ୍କୁ ସୁସ୍ଥ କରିଥିଲେ । ବାରବର୍ଷ ପର୍ଯ୍ୟନ୍ତ ପ୍ରଦରଗ୍ରସ୍ତା ଜଣେ ସ୍ତ୍ରୀ ଲୋକ ଆପଣା ମନରେ କହୁଥିଲା, "...କେବଳ ତାହାଙ୍କ ଲୁଗା ଛୁଇଁଲେ ସୁସ୍ଥ ହେବି ।" (ମାର୍କ ୫:୨୮) । ବହୁ ଜନସମୂହ ତାହାଙ୍କୁ ଘେରି ରହିଥିବା ସମୟରେ ସେ ପ୍ରଭୁ ଯୀଶୁଙ୍କ ଲୁଗା ଛୁଇଁ ଆରୋଗ୍ୟପ୍ରାପ୍ତ ହୋଇଥିଲେ ।

ପ୍ରଭୁଯୀଶୁ ହସ୍ତ ବଢ଼ାଇ ସେହି କୁଷ୍ଠୀକୁ ସ୍ପର୍ଶ କରି କହିଲେ, "...ମୁଁ ଇଚ୍ଛା କରୁଛି ଶୁଚୀ ହୁଅ ।" (ମାଥିଉ ୮:୩) ସମସ୍ତ ଜଗତର ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ନିକଟକୁ ଆସି, ତାହାଙ୍କର ସେହି ସୁସ୍ଥତାର ସ୍ପର୍ଶ ପ୍ରାପ୍ତ ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି । କୁଷ୍ଠରୋଗ ଯେପରି ମନୁଷ୍ୟର ଦେହକୁ ବିନାଶ କରେ, ପାପ ମନୁଷ୍ୟର ଆତ୍ମାକୁ ବିନାଶ କରେ । ମନୁଷ୍ୟର ଆତ୍ମାର ସୁସ୍ଥତା, କେବଳ ପ୍ରଭୁଯୀଶୁଙ୍କ ରକ୍ତ ଦ୍ୱାରା ସାଧିତ ହୋଇପାରେ । ପ୍ରଭୁଯୀଶୁଙ୍କ ନିକଟକୁ ଯାଇ ସେହି କୁଷ୍ଠୀ ଯେପରି ଶାରୀରିକ ସୁସ୍ଥତା ପ୍ରାପ୍ତ ହୋଇଥିଲା, ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ପ୍ରଭୁଯୀଶୁଙ୍କ ଠାରେ ପ୍ରାପ୍ତ ହୋଇପାରେ । ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ନିମନ୍ତେ ତାହାଙ୍କ ନିକଟକୁ ଗଲେ, ସେ କହିବେ, "....ମୁଁ ଇଚ୍ଛା କରୁଅଛି, ଶୁଚୀ ହୁଅ ।" (ମାଥିଉ ୮:୩) । ପ୍ରତ୍ୟେକ ମନୁଷ୍ୟ ତାହାଙ୍କ ନିକଟକୁ ଯାଇ, ତାହାଙ୍କ ଠାରୁ ସେହି ସୁସ୍ଥତାର ସ୍ପର୍ଶ ପ୍ରାପ୍ତ ହେବାକୁ ସେ ଇଚ୍ଛା କରନ୍ତି, କୁଷ୍ଠରୋଗ ଯେପରି ମନୁଷ୍ୟର ଶରୀରକୁ ବିନଷ୍ଟ କରେ, ପାପ ସେହିପରି ମନୁଷ୍ୟର ଆତ୍ମାକୁ ବିନଷ୍ଟ କରେ । କେବଳ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ସମସ୍ତ ପାପରୁ ବିମୁକ୍ତ କରିପାରେ । କୁଷ୍ଠରୋଗୀ ଯେପରି ଆପଣା ସୁସ୍ଥତା ନିମନ୍ତେ ଖ୍ରୀଷ୍ଟଙ୍କ ନିକଟକୁ ଯାଇଥିଲା ସେହିପରି ଆମ୍ଭମାନଙ୍କ ଆତ୍ମାର ସୁସ୍ଥତା ନିମନ୍ତେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଯିବା ଆବଶ୍ୟକ । ଆମ୍ଭମାନଙ୍କ ଆତ୍ମାର ସୁସ୍ଥତା ନିମନ୍ତେ ଆମ୍ଭେମାନେ ତାହାଙ୍କ ନିକଟକୁ ଗଲେ ସେ କହିବେ, "...... ମୁଁ ଇଚ୍ଛା କରୁଛି, ଶୁଚୀ ହୁଅ ।" ଯାକୁବ କହନ୍ତି, "ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।" (ଯାକୁବ ୪:୮)

ସଦାପ୍ରଭୁ ପରମେଶ୍ୱର କହନ୍ତି, ".......ପ୍ରଭୁ ସଦାପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ ଦୁଷ୍ଟର ମରଣରେ ଆତ୍ମାର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେମନ୍ତ ଫେରି ବଞ୍ଚଇ, ଏଥିରେ ହିଁ ଆତ୍ମାର ସନ୍ତୋଷ ଅଛି, ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର, ହେ ଇଶ୍ରାଏଲ ବଂଶ ତୁମେମାନେ କିହେତୁ ମରିବ ?" (ଯିହିଜିକଲ ୩୩:୧୧) କୌଣସି ଏକ ବ୍ୟକ୍ତି ବିନଷ୍ଟ ହେବା ସଦାପ୍ରଭୁ ଇଚ୍ଛା କରନ୍ତି ନାହିଁ । ବରଂ ତାହାଙ୍କ ନିକଟକୁ ଯାଇ ପାପରୁ ମୁକ୍ତ ହୋଇ ପରିତ୍ରାଣ ପାଇବା ସେ ଇଚ୍ଛା କରନ୍ତି, ପାଉଲ ତୀମଥିଙ୍କୁ ଲେଖନ୍ତି, "ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି, ଏହା ସେ ଇଚ୍ଛା କରନ୍ତି । ଦୁଷ୍ଟର ମରଣ ସ୍ୱକୃତ । ଯେଉଁମାନେ ଓସାର ଓ ପ୍ରଶସ୍ତ ମାର୍ଗରେ ଚାଲିବାକୁ ଇଚ୍ଛା କରନ୍ତି, ସେମାନେ ଆପଣା ମରଣ ଆପେ ଲୋଡ଼ନ୍ତି । ପାପୀର ଅନଜ୍ଞାବହତା ତାହାଙ୍କୁ ଆତ୍ମିକ ମରଣର ସମ୍ମୁଖୀନ କରେ । ପାପୀର ମରଣରେ ପରମେଶ୍ୱରଙ୍କ ସନ୍ତୋଷ ନଥିଲେ ସୁଦ୍ଧା, ପାପୀ ଆପଣା କୃତକର୍ମ ଦ୍ୱାରା ମରଣ ଭୋଗେ ।

କିନ୍ତୁ ଆମ୍ଭମାନଙ୍କ ସଦାପ୍ରଭୁ ପାପୀର ମୁକ୍ତି ନିମନ୍ତେ ପରିତ୍ରାଣର ଯୋଜନା କରିଅଛନ୍ତି । ଈଶ୍ୱର ଶାଉଲଙ୍କୁ ପାଉଲ ରୂପେ ପରିବର୍ତ୍ତନ କରିଥିଲେ, କାରଣ ସଦାପ୍ରଭୁଙ୍କ ସେବାରେ ସେ ଅତ୍ୟନ୍ତ ଆସକ୍ତ ଥିଲେ/ସତ୍ୟ ଅନ୍ୱେଷଣକାରୀ କୂଶଦେଶୀୟ ନପୁଂସକଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ ଈଶ୍ୱର ତାହାଙ୍କ ନିକଟକୁ ସୁସମାଚାର ପ୍ରଚାରକ ଫିଲିପଙ୍କୁ ପଠାଇଥିଲେ । ଧାର୍ମିକତା ନିମନ୍ତେ ତୃଷିତ, ଇତାଲୀୟ ଶତ ସେନାପତି କର୍ଣ୍ଣଲୀୟଙ୍କ ନିକଟକୁ ଈଶ୍ୱରଙ୍କ ଧାର୍ମିକତା ପ୍ରଚାର କରିବା ନିମନ୍ତେ, ପ୍ରେରିତ ପିତର ପ୍ରେରିତ ହୋଇଥିଲେ ।

ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରି, ତାହାଙ୍କ ଇଚ୍ଛା ଆମ୍ଭମାନଙ୍କ ପ୍ରତି ସପ୍ରମାଣ କରିଅଛନ୍ତି, ''ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୮) । ଏହି ପାପମୟ ଜଗତକୁ ଧର୍ମଶାସ୍ତ୍ର ଅର୍ଥାତ୍ ବାଇବଲ ଲିଖିତ କରି, ତାହାଙ୍କ ଇଚ୍ଛା ଆମ୍ଭମାନଙ୍କୁ ପ୍ରକାଶ କରିଅଛନ୍ତି । ''ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱଃସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୬-୧୭) । ଏହି ଜଗତରେ ତାହାଙ୍କ ମଣ୍ଡଳୀ ସ୍ଥାପିତ କରି, ସେ ଆପଣା ଇଚ୍ଛା ପ୍ରକାଶ କରନ୍ତି । ସୁସମାଚାର ପ୍ରଚାରକଙ୍କ ପ୍ରଚାରିତ ପ୍ରସଙ୍ଗ ଦ୍ୱାରା ଲିଖିତ ଅନେକ ପତ୍ରପତ୍ରିକା ଦ୍ୱାରା, ରେଡ଼ିଓ ଦ୍ୱାରା, ଟି.ଭି. ଦ୍ୱାରା, ସଦାପ୍ରଭୁ ଆପଣଙ୍କୁ ତାହାଙ୍କ ନିକଟକୁ ଫେରି ଆସିବା ନିମନ୍ତେ ସେ ଆହ୍ୱାନ କରନ୍ତି ।

ସଦାପ୍ରଭୁ ଆପଣଙ୍କୁ ଶାରୀରିକ ଓ ଆତ୍ମିକ ଭାବେ ସୁସ୍ଥ କରିବାକୁ ଇଚ୍ଛା କରନ୍ତି । ଆପଣ କି ତାହାଙ୍କ ନିକଟକୁ ଆସିବାକୁ ଇଚ୍ଛା କରୁଅଛନ୍ତି ? ''ଯେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳୁଅଛି ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର, ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କ ଠାରେ ପ୍ରାର୍ଥନା କର ।'' (ଯିଶାଇୟ ୫୫:୬)

**- Kabita Gootam**

❋❋❋

# ପରୀକ୍ଷା

## (Temptations)

ଜଗତର ପ୍ରତ୍ୟେକ ବ୍ୟକ୍ତି ଅନେକ ଭାବେ ପରୀକ୍ଷିତ ହେବେ ବୋଲି, ପବିତ୍ର ବାକ୍ୟ ସୁସ୍ପଷ୍ଟ କରେ । (ଯାକୁବ ୧:୧୩-୧୫) କାରଣ ଶୟତାନ, "......ପୃଥିବୀରେ ଏଣେତେଣେ ଭ୍ରମଣ ଓ ତହିଁ ମଧ୍ୟରେ ଗମନାଗମନ କରେ......।" (ଆୟୁବ ୨:୨) । ତାହାଦ୍ୱାରା ପରୀକ୍ଷିତ ଓ ପରାଜିତ ବ୍ୟକ୍ତିମାନଙ୍କ ବିନାଶ ସୁନିଶ୍ଚିତ । ଶୟତାନର ସମସ୍ତ ଚାତୁରୀ ଠାରୁ ଆପଣାକୁ ସୁରକ୍ଷିତ କରିବା ନିମନ୍ତେ, ବ୍ୟକ୍ତିଗତ ସଜ୍ଜା ଆମ୍ଭମାନଙ୍କୁ ଧାରଣ କରିବା ଆବଶ୍ୟକ । (ଏଫିସୀୟ ୬:୧୦-୧୬)

ପ୍ରତ୍ୟେକ ମନୁଷ୍ୟ ଆପଣା ଆପଣା ଦୁର୍ବଳତା ଜ୍ଞାତ ହୋଇ ସେସବୁ ପରିତ୍ୟାଗ କରିବା ଆବଶ୍ୟକ । ତେଣୁକରି ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ ଶିଖାଇଥିବା ନମୁନା ପ୍ରାର୍ଥନାରେ, ".........ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର ।" ବୋଲି ଶିଖାଇଥିଲେ । ଆମ୍ଭେମାନେ ପରମେଶ୍ୱରଙ୍କ ଠାରେ ଆପଣାକୁ ନମ୍ର କରି, ଆପଣା ଆପଣା ପାପ ସ୍ୱୀକାର କରି ତାହାଙ୍କ ଅନୁଗ୍ରହ ଭିକ୍ଷା କରୁ । (ଲୁକ ୧୮:୧୩, ୧ମ ଥେସଲନୀକିୟ ୫:୨୨) ।

ମନର ଦୁର୍ବଳତା ଓ ଅଭିଳାଷରେ ପରିପୂର୍ଣ୍ଣ ଥିବା ସମୟରେ ଆମ୍ଭେମାନେ ପରୀକ୍ଷିତ ହୋଇଥାଉଁ । ମନୁଷ୍ୟମାନେ ଏକାକୀ, କ୍ଷୁଧିତ, ନବ ଯୌବନ ଓ ଧନର ଅଭିଳାଷ ଥିବା ସମୟରେ ବିଶେଷ ଭାବେ ପରୀକ୍ଷିତ ହୋଇଥାନ୍ତି ।

ସମୟ, ସ୍ଥାନ ଓ ଦୃଶ୍ୟ ବେଳେବେଳେ ରାଜାମାନଙ୍କୁ ମଧ୍ୟ ଅଭକ୍ତ କରିଦିଏ । ଥରେ ଦାଉଦ ମହାରାଜା ଆପଣା ରାଜପ୍ରାସାଦ ଉପରେ ସନ୍ଧ୍ୟାଭ୍ରମଣ କରୁଥିବା ସମୟରେ ଏକ ସୌନ୍ଦର୍ଯ୍ୟବତୀ ସ୍ତ୍ରୀ ସ୍ନାନ କରିବାର ଦୃଶ୍ୟ ତାହାଙ୍କୁ ମୋହିତ କରିଥିଲା । ସେ ସେହି ସ୍ତ୍ରୀ ସହିତ ସହବାସ କରିବାରୁ ତାଙ୍କ ଉପରେ, ତଥା ପ୍ରଜାମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତିଥିଲା ।

ବେଳେବେଳେ ପରୀକ୍ଷା ଆମ୍ଭମାନଙ୍କ ସୁଲାଭ ନିମନ୍ତେ ବୋଲି ମନେହୁଏ । ଯୀଶୁଖ୍ରୀଷ୍ଟ ଚାଳିଶ ଦିବାରାତ୍ର ଉପବାସ କରିବା ପରେ କ୍ଷୁଧିତ ହେଲେ । ତାହାଙ୍କ କ୍ଷୁଧା ମେଣ୍ଟାଇବାର ଆଶା ଦେଖାଇ ଐଶ୍ୱରିକତ୍ୱର ପ୍ରମାଣ କରିବା ନିମନ୍ତେ ଶୟତାନ ତାହାଙ୍କୁ ପ୍ରବର୍ତ୍ତାଇଥିଲା । କିନ୍ତୁ ଯୀଶୁଖ୍ରୀଷ୍ଟ ଆପଣା କ୍ଷୁଧା ମେଣ୍ଟାଇବା ନିମନ୍ତେ ପଥରକୁ ରୋଟୀରେ

ପରିବର୍ତ୍ତନ କରିନଥିଲେ । ସଦାପ୍ରଭୁଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ୱାରା ମନୁଷ୍ୟ ଏ ପୃଥିବୀରେ ଜୀବନଯାପନ କରେ ବୋଲି ପବିତ୍ର ଧର୍ମଶାସ୍ତ୍ରର ଏହି ବାକ୍ୟ ଦ୍ୱାରା ପ୍ରଭୁଯୀଶୁ ଶୟତାନକୁ ପରାଜୟ କରିଥିଲେ ।

ନବଯୁବକ ଯୁବତୀମାନେ ଅନେକ ପ୍ରଲୋଭନର ସମ୍ମୁଖୀନ ହୋଇଥାନ୍ତି । ସେମାନଙ୍କ ଇଚ୍ଛାନୁଯାୟୀ ଜୀବନଯାପନ କରିବାକୁ ସ୍ୱାଧୀନତା ଦେଉଥିବା ପିତାମାତାମାନେ ସେମାନଙ୍କ ଆତ୍ମିକ ଜୀବନର ବିନାଶ କରୁଅଛନ୍ତି । ପିତାମାତାମାନେ ଆପଣା ଆପଣା ସନ୍ତାନସନ୍ତତିମାନଙ୍କୁ ସତ୍‌ମାର୍ଗ ଶିକ୍ଷା ଦେବା ସଙ୍ଗେ ପବିତ୍ର ଜୀବନଯାପନ କରିବାକୁ ଉତ୍ସାହିତ କରିବା ଉଚିତ । ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲ କହନ୍ତି । "......କିନ୍ତୁ ତୁମ୍ଭେ ଯୌବନ କାଳର ଅଭିଳାଷରୁ ପଳାୟନ କରି, ଯେଉଁମାନେ ଶୁଚୀ ହୃଦୟରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତି । ସେମାନଙ୍କ ସହିତ ଧାର୍ମିକତା, ବିଶ୍ୱାସ, ପ୍ରେମ ଓ ଶାନ୍ତିର ଅନୁଗାମୀ ହୁଅ ।" (୨ୟ ତୀମଥି ୨:୨୨) ।

ଅନେକେ ଧନ ଲୋଭ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଲେଖାଯାଏ, "ଈଶ୍ୱର ପରାୟଣତା ସନ୍ତୋଷଭାବ ଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ । କାରଣ ଆମ୍ଭେମାନେ ଜଗତକୁ କିଛି ଆଣିନାହୁଁ । ପୁଣି ଏଠାରୁ କିଛି ଘେନିଯାଇନପାରୁ , ଏଣୁ ଅନ୍ନବସ୍ତ୍ର ଥିଲେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । ମାତ୍ର ଯେଉଁମାନେ ଧନୀ ହେବାକୁ ଇଚ୍ଛା କରନ୍ତି ସେମାନେ ପରୀକ୍ଷା ଓ ଫାନ୍ଦରେ ପୁଣି ଅନେକ ପ୍ରକାର ଅସଙ୍ଗତ ଓ କ୍ଷତିଜନକ ଅଭିଳାଷରେ ପଡ଼ନ୍ତି । ଏହିସବୁ ମନୁଷ୍ୟକୁ ଧ୍ୱଂସ ଓ ବିନାଶ ରୂପ ସାଗରରେ ମଗ୍ନ କରେ । କାରଣ ଧନଲୋଭ ସମସ୍ତ ଅନିଷ୍ଟର ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇଅଛନ୍ତି । ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରିଅଛନ୍ତି ।" (୧ମ ତୀମଥି ୬:୬-୧୦)

ଯୀଶୁ ଆମ୍ଭମାନଙ୍କ ପ୍ରଧାନ ମହାଯାଜକ ଅଟନ୍ତି, ଯେ କି ଆମ୍ଭମାନଙ୍କ ସମସ୍ତ ଦୁର୍ବଳତା ଜ୍ଞାତ ଅଟନ୍ତି । ସେ ପରୀକ୍ଷିତ ହେବା ଲୋକଙ୍କୁ ସାହାଯ୍ୟ କରିବାରେ ସଦା ପ୍ରସ୍ତୁତ ଅଟନ୍ତି । ଆମ୍ଭମାନଙ୍କ ସଦୃଶ୍ୟ ସେ ପର୍ବତ ଭାବେ ପରୀକ୍ଷିତ ହୋଇ, ବିଜୟୀ ହୋଇଅଛନ୍ତି । ପରୀକ୍ଷିତ ହେବା ଆମ୍ଭମାନଙ୍କୁ ପରୀକ୍ଷା ସହ୍ୟ କରିବା ନିମନ୍ତେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ । "କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କୁ ଜଣେ ସପକ୍ଷବାଦୀ ଅଛନ୍ତି ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ ।

**- K.S. Swamidass**

❋❋❋

# ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନା

## (The Prayers of Jesus)

ସଦାସର୍ବଦା ପ୍ରାର୍ଥନା କରିବା ନିମନ୍ତେ ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି । ପ୍ରତ୍ୟେକ ପରିସ୍ଥିତି ପ୍ରାର୍ଥନା କରିବାର ନିମନ୍ତେ, ସେ ଆମ୍ଭମାନଙ୍କ ନିମନ୍ତେ ଏକ ଆଦର୍ଶ ବ୍ୟକ୍ତି ଅଟନ୍ତି ।

ସେ ବାପ୍ତିଜିତ ହୋଇ ଆପଣା ସେବାକାର୍ଯ୍ୟ ଆରମ୍ଭ କରିବା ପୂର୍ବେ ପ୍ରାର୍ଥନା କରି ଆରମ୍ଭ କରିଥିଲେ । ''.......ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା ସମୟରେ ଆକାଶ ଉନ୍ମୁକ୍ତ ହେଲା, ପୁଣି ପବିତ୍ର ଆତ୍ମା ଦୈହିକଭାବେ କପୋତ ପରି ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ, ଆଉ, ଆକାଶରୁ ଏହି ବାଣୀ ହେଲା, ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭ ଠାରେ ଆମ୍ଭର ପରମ ସନ୍ତୋଷ ।'' (ଲୂକ ୩:୨୧-୨୨) । କୌଣସି ବିଶେଷ କାର୍ଯ୍ୟ ଆରମ୍ଭ ପୂର୍ବେ ଆପଣ କି ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ?

ଆପଣା ନିମନ୍ତେ ଶିଷ୍ୟମାନଙ୍କୁ ମନୋନୀତ କରିବା ପୂର୍ବେ, ସେ ପ୍ରାର୍ଥନା କରିଥିଲେ । ''ସେହି ସମୟରେ ସେ ଦିନେ ପ୍ରାର୍ଥନା କରିବା ନିମନ୍ତେ ପର୍ବତକୁ ବାହାରିଯାଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ କରୁ ସମସ୍ତ ରାତ୍ରୀ ଯାପନ କଲେ । ପ୍ରଭାତ ହୁଅନ୍ତେ ସେ ଆପଣା ଶିଷ୍ୟମାନଙ୍କୁ ପାଖକୁ ଡାକି ସେମାନଙ୍କ ମଧ୍ୟରୁ ଦ୍ୱାଦଶ ଜଣକୁ ମନୋନୀତ କଲେ, ସେ ସେମାନଙ୍କୁ ମଧ୍ୟ ପ୍ରେରିତ ନାମ ଦେଲେ ।'' (ଲୂକ ୬:୧୨-୧୩) । ବିବାହ ପୂର୍ବେ, ଅଧକ୍ଷ, ସେବକମାନଙ୍କୁ ମନୋନୀତ କରିବା ପୂର୍ବେ, ପ୍ରଥମେ ଆମ୍ଭମାନଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ ।

ସଦାପ୍ରଭୁଙ୍କର ଶିକ୍ଷା ଦେବା ପଦ୍ଧତି ନିମନ୍ତେ ସେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଇଥିଲେ । ''.........ପିତଃ, ସ୍ୱର୍ଗ ଓ ପୃଥିବୀର ପ୍ରଭୋ, ତୁମ୍ଭେ ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କ ଠାରୁ ଏ ସମସ୍ତ ବିଷୟ ଗୁପ୍ତ ରଖି ଶିଶୁମାନଙ୍କ ନିକଟରେ ପ୍ରକାଶ କଲ, ଏଥି ନିମନ୍ତେ ତୁମ୍ଭର ସ୍ତୁତିବାଦ କରୁଅଛି । ହଁ, ପିତଃ, କାରଣ ଏହା ତୁମ୍ଭ ଦୃଷ୍ଟିରେ ସନ୍ତୋଷର ବିଷୟ ହେଲା । (ମାଥିଉ ୧୧:୨୫-୨୬) । ଆମ୍ଭେମାନେ ଆପଣା ସ୍ୱଇଚ୍ଛାରେ ଜୀବନଯାପନ ନକରି, ତାହାଙ୍କ ଇଚ୍ଛା ପାଳନ କରୁ । (ମାଥିଉ ୧୮:୧-୪, ୧ମ କରିନ୍ଥୀ ୧:୧୮-୨୫ ଓ ୧ମ ପିତର ୨:୨) ।

ସେ ଭୋଜନ କରିବା ପୂର୍ବେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଲେ । ''ସେ ଲୋକସମୂହକୁ ଶାସ ଉପରେ ବସିବା ପାଇଁ ଆଜ୍ଞା ଦେଲେ, ଆଉ ସେ ପାଞ୍ଚଟି ରୋଟୀ

ଓ ଦୁଇଟି ମାଛ ଘେନି ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରି ଆଶୀର୍ବାଦ କଲେ ଓ ରୋଟୀଗୁଡ଼ିକ ଭାଙ୍ଗି ଶିଷ୍ୟମାନଙ୍କୁ ଦେଲେ, ଆଉ ଶିଷ୍ୟମାନେ ଲୋକସମୂହକୁ ଦେଲେ ...... ଭୋଜନ କରିବା ଲୋକେ, ସ୍ତ୍ରୀ ଓ ପିଲାମାନଙ୍କ ଛଡ଼ା ପ୍ରାୟ ପାଞ୍ଚ ହଜାର ପୁରୁଷ ଥିଲେ । (ମାଥିଉ ୧୪:୧୯,୨୧, ମାର୍କ ୮:୬-୯, ଲୂକ ୨୪:୨୮, ୧ମ ତୀମଥି ୪:୪-୫) । ଶରୀରର ଆବଶ୍ୟକୀୟ ଆହାର ଯୋଗାଇଦେଇଥିବା ସେହି ସଦାପ୍ରଭୁଙ୍କୁ ଆପଣ ଭୋଜନ କରିବା ପୂର୍ବେ କି ଧନ୍ୟବାଦ ଦେଉଅଛ ?

ପାଞ୍ଚ ହଜାର ଲୋକଙ୍କୁ ଭୋଜନ କରାଇବା ପରେ, ସେ ପ୍ରାର୍ଥନା କରିଥିଲେ । "ଲୋକ ସମୂହକୁ ବିଦାୟ ଦେଲା ଉତ୍ତାରେ ସେ ପ୍ରାର୍ଥନା କରିବା ନିମନ୍ତେ ଅନ୍ତର ହୋଇ ପର୍ବତ ଉପରକୁ ଗଲେ, ଆଉ ସନ୍ଧ୍ୟା ହେଲା ପରେ ସେ ସେଠାରେ ଏକାକୀଥିଲେ । (ମାଥିଉ ୧୪:୨୩) । ଈଶ୍ୱରଙ୍କ ଦ୍ୱାରା ଆଶୀଷ ପ୍ରାପ୍ତ ହୋଇ, ଆପଣ ତାହାଙ୍କୁ ଧନ୍ୟବାଦ ଦେଇଥାନ୍ତି, କିଅବା ଆହୁରି ଅଧିକ ପାଇବା ନିମନ୍ତେ ପ୍ରାର୍ଥନା କରନ୍ତି ?

ସେ ଯାତ୍ରା କରୁଥିବା ସମୟରେ ପ୍ରାର୍ଥନା କରୁଥିଲେ । "ସେ ଥରେ ନିରୋଳାରେ ପ୍ରାର୍ଥନା କରୁଥିବା ସମୟରେ........" (ଲୂକ ୯:୧୮) । ଯୀଶୁଖ୍ରୀଷ୍ଟ ଏହି ସମୟରେ କାଇସରିୟା ଫିଲିପୀ ଅଞ୍ଚଳରେ ଯାତ୍ରା କରୁଥିଲେ । ଆମ୍ଭମାନଙ୍କ ଯାତ୍ରା ସମୟରେ ଆମ୍ଭମାନଙ୍କୁ ନିରାପଦ ନିମନ୍ତେ ଓ ପରୀକ୍ଷାରୁ ରକ୍ଷା କରିବା ନିମନ୍ତେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିବା ଆବଶ୍ୟକ । (୧ମ କରିନ୍ଥୀ ୧୦:୧୩) ।

ସେ ପର୍ବତ ଉପରେ ପ୍ରାର୍ଥନା କରିବା ସମୟରେ ରୂପାନ୍ତରିତ ହେଲେ । "ପୁଣି, ସେ ପ୍ରାର୍ଥନା କରୁଥିବା ସମୟରେ ତାହାଙ୍କ ମୁଖର ରୂପ ପରିବର୍ତ୍ତିତ ହେଲା, ଏବଂ ତାହାଙ୍କ ବସ୍ତ୍ର ଶୁଭ୍ରବର୍ଣ୍ଣ ଓ ଅତ୍ୟନ୍ତ ଉଜ୍ଜ୍ୱଳ ହେଲା ।" (ଲୂକ ୯:୨୯) ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଏବଂ ପ୍ରାର୍ଥନା ଆମ୍ଭମାନଙ୍କ ପରିବର୍ତ୍ତନ ଆଣେ । "..........ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" (ରୋମୀୟ ୧୨:୨) ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ଆମ୍ଭମାନଙ୍କ ମନ ନୂତନୀକରଣ ହୁଏ । ଆମ୍ଭେମାନେ ପ୍ରାର୍ଥନା କଲେ ସଦାପ୍ରଭୁ ଆମ୍ଭମାନଙ୍କ ଯତ୍ନ ନିଅନ୍ତି ଓ ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରନ୍ତି । (୧ମ ପିତର ୫:୭, ଫିଲିପି ୪:୬-୭) ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରି, ପ୍ରାର୍ଥନା କରି, ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରନ୍ତି, ସେମାନେ ଏହି ଜାଗତିକ ଜୀବନ ପରେ ଅମର ଶରୀର ପ୍ରାପ୍ତ ହେବେ ଏବଂ ଯୀଶୁଙ୍କ ସହିତ ସଦାକାଳ ବାସ କରିବେ । (୨ କରିନ୍ଥୀ ୫:୧, ୧ମ କରିନ୍ଥୀ ୧୫:୫୧-୫୨, ୧ମ ଯୋହନ ୩:୨)

ପ୍ରଭୁଯୀଶୁ ସାନ ସାନ ବାଳକବାଳିକାମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ । "ସେତେବେଳେ ସେ ଯେପରି ଶିଶୁମାନଙ୍କ ଉପରେ ହାତ ଥୋଇ ପ୍ରାର୍ଥନା କରନ୍ତି,

ଏଥିପାଇଁ ସେମାନେ ତାହାଙ୍କ ନିକଟକୁ ଅଣାଗଲେ ।'' (ମାଥିଉ ୧୯:୧୫) ''ସେ ସେମାନଙ୍କୁ ଏ କାଳରେ ଘେନି ଓ ସେମାନଙ୍କ ଉପରେ ହାତ ଥୋଇ ସେମାନଙ୍କୁ ଆଶୀର୍ବାଦ କଲେ ।'' (ମାର୍କ ୧୦:୧୬) ପିତାମାତାମାନେ ଆପଣା ଆପଣା ସନ୍ତାନସନ୍ତତିମାନଙ୍କ ବିଷୟରେ ନିରନ୍ତର ପ୍ରାର୍ଥନା କରିବା ଆବଶ୍ୟକ ।

ଲାଜରଙ୍କୁ ମୃତ୍ୟୁରୁ ଉଥିତ କରିବା ପୂର୍ବେ ସେ ପ୍ରାର୍ଥନା କରିଥିଲେ । ''ଯୀଶୁ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ, ପିତଃ, ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି । ତୁମ୍ଭେ ଯେ ସର୍ବଦା ମୋହର ପ୍ରାର୍ଥନା ଶୁଣିଥାଅ, ଏହା ମୁଁ ଜାଣିଥିଲି, କିନ୍ତୁ ଯେଉଁ ଲୋକସମୂହ ଚତୁର୍ଦ୍ଦିଗରେ ଠିଆ ହୋଇଅଛନ୍ତି, ତୁମ୍ଭେ ମୋତେ ପ୍ରେରଣ କରିଅଛ ବୋଲି ସେମାନେ ବିଶ୍ୱାସ କରିବେ, ଏଥିପାଇଁ ସେମାନଙ୍କ ହେତୁ ମୁଁ ଏହା କହିଲି, ସେ ଏହା କହି ଉଚ୍ଚ ସ୍ୱରରେ ଡାକିଲେ, ''ଲାଜର, ବାହାରି ଆସ ।'' ମୃତ ଲୋକଟି ବାହାରି ଆସିଲେ, ତାଙ୍କ ହାତ ଓ ପାଦ ସମାଧିବସ୍ତ୍ରରେ ବନ୍ଧା ହୋଇଥିଲା, ପୁଣି ତାଙ୍କ ମୁଖରେ ଖଣ୍ଡେ ଗାମୁଛା ଗୁଡ଼ା ହୋଇଥିଲା । ଯୀଶୁ ସେମାନଙ୍କୁ କହିଲେ, ଏହାଙ୍କ ବନ୍ଧନ ଫିଟାଇ ଚାଲିଯିବାକୁ ଦିଅ ।'' (ଯୋହନ ୧୧:୪୧-୪୪) । ଆଶ୍ଚର୍ଯ୍ୟକର୍ମ ସାଧନ କରିବା ପୂର୍ବେ ସେ ପ୍ରାର୍ଥନା କରୁଥିଲେ । (ମାଥିଉ ୧୬:୨୧, ୨୧:୨୨) । ଆଶ୍ଚର୍ଯ୍ୟକାର୍ଯ୍ୟ ସାଧନ କରିବା ନିମନ୍ତେ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାର, ସେମାନଙ୍କ ହସ୍ତାର୍ପଣ ଦ୍ୱାରା ସେ ସମୟରେ କେତେକ ଖ୍ରୀଷ୍ଟିୟାନମାନେ କେତେକ ପରିମାଣରେ ଆଶ୍ଚର୍ଯ୍ୟକର୍ମ ସାଧନ କରିବା ନିମନ୍ତେ ସକ୍ଷମ ହୋଇଥିଲେ । (ପ୍ରେରିତ ୨:୪୩, ୫:୧୨, ୬:୫-୬, ୮:୫-୬, ୮:୧୪-୧୮, ୧୯:୬, ୨ ତୀମଥି ୧:୬, ୧ମ କରିନ୍ଥୀ ୧୨:୪-୧୧) ପ୍ରେରିତମାନେ କିଅବା ସେମାନଙ୍କ ହସ୍ତାର୍ପଣ ଦ୍ୱାରା ଶକ୍ତିପ୍ରାପ୍ତ ହୋଇଥିବା କୌଣସି ଖ୍ରୀଷ୍ଟିୟାନମାନେ ଆଜି ଜୀବିତ ନାହାନ୍ତି । ତଥାପି ପରମେଶ୍ୱର ଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନା ଶ୍ରବଣ କରି, ତାହାର ପ୍ରତିଫଳ ଦିଅନ୍ତି । ସେ ସମସ୍ତ ଜାଗତିକ ଓ ଆତ୍ମିକ ଆଶୀଷର ଭଣ୍ଡାର ଅଟନ୍ତି । (ଯାକୁବ ୧:୫, ୫:୧୬, ଏଫିସିୟସ ୩:୨୦-୨୧, ମାଥିଉ ୬:୧୧-୧୬, ୭:୭-୧୧, ଲୁକ ୧୧:୧୧-୧୩) । ଆଜିର କୌଣସି ମନୁଷ୍ୟ ମୃତ ବ୍ୟକ୍ତିକୁ ଜୀବିତ କରିନପାରେ । କିନ୍ତୁ ଯେଉଁ ଯୀଶୁଖ୍ରୀଷ୍ଟ ମୃତ ଲାଜରଙ୍କୁ ସମାଧିରୁ ଲାଜରଙ୍କୁ ଉଠାଇଥିଲେ, ଦିନ ଆସୁଛି ଯେବେ ସେ ସମସ୍ତ ମୃତ ଲୋକମାନଙ୍କୁ ଉଠାଇବେ । ''.......ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନରୁଥାନ ନିମନ୍ତେ ବାହାର ହୋଇ ଆସିବେ ଏପରି ସମୟ ଆସୁଅଛି । (ଯୋହନ ୫:୨୮,୨୯)

ପ୍ରଭୁଯୀଶୁ ପ୍ରଭୁଭୋଜ ପରିଚର୍ଯ୍ୟା କରିବା ପୂର୍ବେ ପ୍ରାର୍ଥନା କରିଥିଲେ, "ସେମାନେ ଭୋଜନ କରୁଥିବା ସମୟରେ ଯୀଶୁ ରୋଟୀ ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ, ଭୋଜନ କର, ଏହା ମୋହର ଶରୀର । ପୁଣି, ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନ କର, କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହୋଇଅଛି, ଏ ମୋହର ସେହି ରକ୍ତ ।" (ମାଥିଉ ୨୬:୨୬-୨୮) । ସପ୍ତାହର ପ୍ରଥମ ଦିନରେ ଆମ୍ଭେମାନେ ପ୍ରଭୁଭୋଜରେ ଭାଗୀ ହେବା ନିମନ୍ତେ ଏକତ୍ରିତ ହୋଇ, ରୋଟୀ ଓ ଦ୍ରାକ୍ଷାରସ ନିମନ୍ତେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଇ ତାହା ଗ୍ରହଣ କରୁ ।

ସେ ଆପଣା ଶିଷ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ । "ତୁମ୍ଭେ ସେମାନଙ୍କୁ ଜଗତରୁ ଘେନିଯାଅ ବୋଲି ମୁଁ ପ୍ରାର୍ଥନା କରୁନାହିଁ, କିନ୍ତୁ ସେମାନଙ୍କୁ ମନ୍ଦରୁ ରକ୍ଷା କର ବୋଲି ପ୍ରାର୍ଥନା କରୁଅଛି । ମୁଁ ଯେପରି ଜଗତରୁ ଉତ୍ପନ୍ନ ନୁହେଁ, ସେମାନେ ସେପରି ଜଗତରୁ ଉତ୍ପନ୍ନ ନୁହଁନ୍ତି । ସତ୍ୟ ଦ୍ୱାରା ସେମାନଙ୍କୁ ପ୍ରତିଷ୍ଠା କର, ତୁମ୍ଭର ବାକ୍ୟ ତ ସତ୍ୟ । ତୁମ୍ଭେ ମୋତେ ଯେପରି ଜଗତକୁ ପ୍ରେରଣ କରିଅଛ, ମୁଁ ମଧ୍ୟ ସେମାନଙ୍କୁ ସେପରି ଜଗତକୁ ପ୍ରେରଣ କରିଅଛି । (ଯୋହନ ୧୭:୧୫-୧୮) । ଆମ୍ଭେମାନେ ପ୍ରଭୁଯୀଶୁଙ୍କ ସଦୃଶ୍ୟ ଆମ୍ଭମାନଙ୍କ ମଣ୍ଡଳୀର ଅଧ୍ୟକ୍ଷ, ସେବକ, ପ୍ରଚାରକ, ଅନ୍ୟ ଭାଇ ଭଉଣୀମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । (୧ମ ତୀମଥି ୨:୧-୨, କଲସୀ ୪:୨-୪)

ସେ ଆମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ, "ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ'ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି । ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, "ହେ ପିତଃ, ତୁମ୍ଭେ ଯେ ପ୍ରକାରେ ମୋ'ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।" (ଯୋହନ ୧୭:୨୦-୨୧) ଈଶ୍ୱର ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସହିତ ସହଭାଗିତାରେ ରହିବା ସେ ଇଚ୍ଛା କରନ୍ତି । ସମସ୍ତେ ଐକ୍ୟତାରେ ରହିବା ନିମନ୍ତେ ଆପଣଙ୍କୁ ମନୁଷ୍ୟ ସ୍ଥାପିତ ନିୟମାବଳୀରୁ ଦୂରେଇ ରହି, ତାହାଙ୍କ ଲିଖିତ ବାକ୍ୟ ଅବଲମ୍ବନ କରିବା ଆବଶ୍ୟକ । (ମାଥିଉ ୧୫:୯, ଯିହୂଦା ୩)

ସେ ଆପଣା କ୍ରୁଶୀୟ ମୃତ୍ୟୁ ନିମନ୍ତେ ପ୍ରାର୍ଥନା କରିଥିଲା । "ଏବେ ମୋହର ପ୍ରାଣ ଉଦ୍‌ବିଗ୍ନ ହୋଇଅଛି, ଆଉ ମୁଁ କଅଣ କହିବି ? ପିତଃ, ମୋତେ ଏହି ସମୟ ଠାରୁ ରକ୍ଷା କର ? କିନ୍ତୁ ଏଥି ସକାଶେ ତ ମୁଁ ଏହି ସମୟ ମଧ୍ୟକୁ ଆସିଅଛି । ପିତଃ, ଆପଣା

ନାମ ମହିମାନ୍ୱିତ କର, ସେଥିରେ ଆକାଶରୁ ଏହି ବାଣୀ ହେଲା, ଆମ୍ଭେ ତାହା ମହିମାନ୍ୱିତ କରିଅଛୁ, ଆଉ ପୁନର୍ବାର ମହିମାନ୍ୱିତ କରିବୁ । (ଯୋହନ ୧୨:୨୭-୨୮) ଗେଥଶିମନୀ ଉଦ୍ୟାନରେ ସେ ଆଣ୍ଠୁପାତି ପ୍ରାର୍ଥନା କରି କହିଲେ, "ହେ, ପିତା, ଯଦି ତୁମ୍ଭର ଇଚ୍ଛା ଥାଏ, ତେବେ ଏହି ପାନପାତ୍ର ମୋ'ଠାରୁ ଦୂର କର । ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ । ଆଉ, ସ୍ୱର୍ଗରୁ ଜଣେ ଦୂତ ଦର୍ଶନ ଦେଇ ତାହାଙ୍କୁ ଶକ୍ତି ପ୍ରଦାନ କଲେ । ପୁଣି ସେ ମର୍ମାନ୍ତିକ ଦୁଃଖରେ ମଗ୍ନ ହୋଇ ଆହୁରି ଏକାଗ୍ରଭାବରେ ପ୍ରାର୍ଥନା କରିବାକୁ ଲାଗିଲେ ଓ ତାହାଙ୍କ ଝାଳ ଘନ ରକ୍ତଟୋପା ପରି ଭୂଇଁରେ ପଡ଼ିଲା । (ଲୂକ ୨୨:୪୧-୪୪) ଆମ୍ଭେମାନେ ଯେପରି ତାହାଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ଇଚ୍ଛା ଆମ୍ଭମାନଙ୍କ ଜୀବନରେ ସଫଳ ହେବା ନିମନ୍ତେ ପ୍ରାର୍ଥନା କରୁ ।

ଆପଣା ଶତ୍ରୁମାନଙ୍କୁ କ୍ଷମା କରିବା ନିମନ୍ତେ ସେ କ୍ରୁଶ ଉପରେ ପ୍ରାର୍ଥନା କରିଥିଲେ । "ଆଉ, ସେମାନେ କପାଳ ନାମକ ସ୍ଥାନରେ ଉପସ୍ଥିତ ହୋଇ ସେଠାରେ ତାହାଙ୍କୁ କ୍ରୁଶରେ ଚଢ଼ାଇଲେ, .......ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ । (ଲୂକ ୨୩:୩୩-୩୪) । ଆମ୍ଭେମାନେ ଆମ୍ଭମାନଙ୍କ ଶତ୍ରୁମାନଙ୍କୁ କ୍ଷମା କରୁ ଓ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । (ମାଥିଉ ୫:୪୪, ୬:୧୨-୧୫) । ଅନ୍ୟମାନଙ୍କୁ କ୍ଷମା କରିବାକୁ ଆପଣ କି କୁଣ୍ଠିତ ବୋଧ କରନ୍ତି ? ଯେଉଁମାନେ ତାହାଙ୍କୁ କ୍ରୁଶରେ ବଧ କରୁଥିଲେ, ସେମାନଙ୍କୁ କ୍ଷମା କରିବା ନିମନ୍ତେ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ।

କ୍ରୁଶ ଉପରେ ଆପଣା କ୍ଲେଶ ନିମନ୍ତେ ପ୍ରାର୍ଥନା କରିଥିଲେ । "ଆଉ, ପ୍ରାୟ ତିନିଘଣ୍ଟା ସମୟରେ ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ, ଏଲୀ, ଏଲୀ ଲାମା ସବକଥାନୀ ? ଅର୍ଥାତ୍, ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ? ଏଠାରେ ସେ ଆପଣା ହୃଦୟର ଯନ୍ତ୍ରଣା ସେ ବ୍ୟକ୍ତ କରିଅଛନ୍ତି । (ଗୀତ ୨୨:୧) । ଏହି ଜଗତରେ ଅନେକ ଶାରୀରିକ ଯନ୍ତ୍ରଣା ଭୋଗିଥିଲେ, କିନ୍ତୁ ପିତା ପରମେଶ୍ୱରଙ୍କ ଠାରୁ ବ୍ୟବଧାନ ତାହାଙ୍କ ନିମନ୍ତେ ଅସହ୍ୟ ହୋଇ ପଡ଼ିଥିଲା । ଆମ୍ଭମାନଙ୍କ ପାପର ଭାର ତାହାଙ୍କ ଉପରେ ବର୍ତ୍ତିଲା । ସେହି ପାପ ସକାଶେ ତାହାଙ୍କୁ ପିତା କିଛି ସମୟ ନିମନ୍ତେ ପରିତ୍ୟାଗ କରିଥିଲେ । (ମାଥିଉ ୨୭:୪୬ ଓ ଯିଶାଇୟ ୫୯:୨) । ପରମେଶ୍ୱରଙ୍କ ପ୍ରେମ ଓ ଖ୍ରୀଷ୍ଟଙ୍କ ବଳିଦାନ ଦ୍ୱାରା ଆମ୍ଭେମାନେ ପାପକ୍ଷମା ଓ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛୁ । (ଯୋହନ ୩:୧୬, ୧ମ ଯୋହନ ୩:୧୬) । "ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।" (ରୋମୀୟ ୮:୧) ପାପକ୍ଷମା ନିମନ୍ତେ ଜଳରେ ବାପ୍ତିସ୍ମ ନେଇ ଜଣେ ଖ୍ରୀଷ୍ଟଙ୍କ

ଠାରେ ପ୍ରବେଶ କରିପାରେ । (ରୋମୀୟ ୬:୩-୪, ଗାଲାତି ୩:୨୬-୨୭) ।

କ୍ରୁଶ ଉପରେ ଆପଣା ଜାଗତିକ ପରିଚର୍ଯ୍ୟା ସମାପ୍ତ କରିଥିଲେ, "ଆଉ, ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ, ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି । ଏହା କହି ସେ ପ୍ରାଣତ୍ୟାଗ କଲେ । (ଲୂକ ୨୩:୪୬, ଗୀତ ୩୧:୫) । ମନୁଷ୍ୟ ସମାଜର ମୁକ୍ତି ନିମନ୍ତେ ସେ ଆପଣା ପ୍ରାଣଦାନ କରି, ସେ ପିତାଙ୍କ ଇଚ୍ଛା ପାଳନ କରିଥିଲେ, ଏବଂ ଆପଣା ଆତ୍ମା ପିତା ପରମେଶ୍ୱରଙ୍କୁ ସମର୍ପଣ କରିଥିଲେ । ଯେଉଁ ବିଶ୍ୱସ୍ତ ଓ ନ୍ୟାୟବାନ ପରମେଶ୍ୱର ତାହାଙ୍କୁ ୩ୟ ଦିନରେ ଉଥାପିତ କରିଥିଲେ । ସେ ଶେଷ ସମୟରେ ଆମ୍ଭମାନଙ୍କୁ ଉତ୍‌ଥିତ କରିବେ । ଆମ୍ଭେମାନେ ଆମ୍ଭମାନଙ୍କ ଆତ୍ମା ବିଶ୍ୱସ୍ତ ପରମେଶ୍ୱର ସମସ୍ତଙ୍କ ଠାରେ ସମର୍ପଣ କରୁ । (୨ ତୀମଥି ୪:୬-୮, ୧୮, ୧ମ ଯୋହନ ୨:୨୮)

ଏହି ଜୀବନ ଭାର ଓ ଆଶୀଷ ପରୀକ୍ଷା ଓ ସୁଯୋଗରେ ପରିପୂର୍ଣ୍ଣ । ଯୀଶୁଙ୍କ ସଦୃଶ୍ୟ ସମସ୍ତ ପରିସ୍ଥିତିରେ ନିରନ୍ତର ପିତା ପରମେଶ୍ୱରଙ୍କ ନିକଟରେ ଆମ୍ଭେମାନେ କି ପ୍ରାର୍ଥନା କରୁଅଛି ?

**- Royce Fredrick**

❋❋❋

# ବାକ୍ୟର କର୍ମକାରୀ ହୁଅ

## (Be ye doers of the word)

ସୁସମାଚାର, "........ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୂଦୀ ପକ୍ଷରେ ଆଉ ଗ୍ରୀକ୍ ପକ୍ଷରେ ।" (ରୋମୀୟ ୧:୧୬) । ଈଶ୍ୱରଙ୍କ ବାକ୍ୟ ଶିକ୍ଷା କରି, ବିଶ୍ୱାସ କରି ଆଜ୍ଞାବହ ହେବା ପ୍ରତ୍ୟେକଙ୍କ ନିମନ୍ତେ ପରିତ୍ରାଣ ପରମେଶ୍ୱର ପ୍ରତିଜ୍ଞା କରିଅଛନ୍ତି । ପ୍ରଭୁଯୀଶୁ କହନ୍ତି, "କେହି ଯଦି ତାହାଙ୍କର ଇଚ୍ଛା ସାଧନ କରିବାକୁ ହୁଏ, ତାହାହେଲେ ଏହି ଶିକ୍ଷା ଈଶ୍ୱରଙ୍କ ଠାରୁ ଉତ୍ପନ୍ନ ନା ମୁଁ ଆପଣା ଠାରୁ କହୁଅଛି, ତାହା ସେ ଜାଣିବ ।" (ଯୋହନ ୭:୧୭) । ଯେଉଁମାନେ ପିତାଙ୍କ ଇଚ୍ଛା କଅଣ ଜାଣି, ତାହା ପାଳନ କରନ୍ତି, ସେମାନେ ତାହାଙ୍କ ସନ୍ତୋଷ ପାତ୍ର ।

**ବାକ୍ୟର ଉଦ୍ଦେଶ୍ୟ :** "ଆମ୍ଭେମାନେ ଯେପରି ତାହାଙ୍କ ସୃଷ୍ଟ ବିଷୟମାନଙ୍କ ମଧ୍ୟରୁ ଏକ ପ୍ରକାର ପ୍ରଥମ ଫଳ ସ୍ୱରୂପ ହେଉ, ଏଥି ନିମନ୍ତେ ସେ ଆପଣା

ଇଚ୍ଛାନୁସାରେ ସତ୍ୟବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ଜନ୍ମ ଦେଲେ । (ଯାକୁବ ୧:୧୮) । ତାହାଙ୍କ ଇଚ୍ଛାନୁସାରେ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଦତ୍ତ ହୋଇଅଛି । "ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନଃର୍ଜାତ ହୋଇଅଛ ।" (୧ମ ପିତର ୧:୨୩) ଈଶ୍ୱରଙ୍କ ବାକ୍ୟ ପାଳନ କଲେ, ଆମ୍ଭେମାନେ ତାହାଙ୍କ ସୃଷ୍ଟ ବିଷୟମାନଙ୍କ ମଧ୍ୟରୁ ଏକ ପ୍ରକାର ପ୍ରଥମ ଫଳ ସ୍ୱରୂପ ହୋଇପାରିବା ।

**ଈଶ୍ୱରଙ୍କ ବାକ୍ୟର ଶକ୍ତି :** "ହେ ମୋହର ପ୍ରିୟ ଭାଇମାନେ, ତୁମ୍ଭେମାନେ ଏହା ଜ୍ଞାତ ଅଛ । ପ୍ରତ୍ୟେକ ଜଣ ଶୁଣିବାରେ ତତ୍ପର, କହିବାରେ ଧୀର ପୁଣି କ୍ରୋଧ କରିବାରେ ଧୀର ହେଉ କାରଣ ମନୁଷ୍ୟର କ୍ରୋଧ ଈଶ୍ୱରଙ୍କ ଗ୍ରାହ୍ୟ ଧାର୍ମିକତା ସାଧନ କରେ ନାହିଁ । ଅତଏବ, ତୁମ୍ଭେମାନେ ସମସ୍ତ ଅଶୁଦ୍ଧତା ଓ ସବୁ ପ୍ରକାର ଦୁଷ୍ଟତା ପରିତ୍ୟାଗ କରିବା ନିମନ୍ତେ ସମର୍ଥ, ତାହା ନମ୍ରଭାବରେ ଗ୍ରହଣ କର ।" (ଯାକୁବ ୧:୧୯-୨୧)

ଈଶ୍ୱରଙ୍କ ବାକ୍ୟର ଶକ୍ତି ଦ୍ୱାରା ଆମ୍ଭେମାନେ ପରିବର୍ତ୍ତିତ ହେଉ, ଏ ବିଷୟ ପ୍ରତ୍ୟେକ ମନୁଷ୍ୟ ଜ୍ଞାତ ହେବା ଆବଶ୍ୟକ । ଈଶ୍ୱରଙ୍କ ବାକ୍ୟ ପବିତ୍ର, ପରିତ୍ରାଣଜନକ ଓ ଶକ୍ତିଯୁକ୍ତ ହୋଇଥିବାରୁ, ତାହା ଶୁଣିବାକୁ ତତ୍ପର ହେଉ । ତାହା ସମ୍ପୂର୍ଣ୍ଣରୂପେ ଶିକ୍ଷା କରିବା ପର୍ଯ୍ୟନ୍ତ, ତାହା କହିବାରେ ଧୀର ହୋଇଁ, ଧର୍ମ ସମ୍ବନ୍ଧୀୟ ବିଷୟରେ କ୍ରୋଧ ନ କରୁ । ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆବଶ୍ୟକୀୟ ବାକ୍ୟ ହୃଦୟରେ ସଞ୍ଚୟ କରିବା ନିମନ୍ତେ ଆମ୍ଭମାନଙ୍କ ହୃଦୟ ସ୍ୱଚ୍ଛଳ ଓ ନିର୍ମଳ ରଖୁ ।

**ଈଶ୍ୱରଙ୍କ ବାକ୍ୟ ପାଳନ :** "ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ । କାରଣ ଯଦି କେହି ବାକ୍ୟର କର୍ମକାରୀ ନହୋଇ ଶ୍ରୋତାମାତ୍ର ହୁଏ, ତେବେ ସେ ଦର୍ପଣରେ ଆପଣା ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ । ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ ଚାଲିଯାଇ, ସେ କି ପ୍ରକାର ଲୋକ, ତାହା ସେହିକ୍ଷଣି ଭୂଲିଯାଏ । କିନ୍ତୁ ଯେ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତା ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତା ମାତ୍ର ନହୋଇ ବରଂ କାର୍ଯ୍ୟକାରୀ ହୁଏ । ସେ ଆପଣା କାର୍ଯ୍ୟରେ ଧନ୍ୟ । ଯଦି କେହି ଆପଣାକୁ ଧର୍ମପରାୟଣ ବୋଲି ମନେ କରେ, ଆଉ ଆପଣା ଜିହ୍ୱାସବୁ ବଶୀଭୂତ ନକରି ନିଜ ହୃଦୟକୁ ପ୍ରବଞ୍ଚନା କରେ, ତାହାର ଧର୍ମପରାୟଣତା ବୃଥା, ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖବସ୍ଥାରେ ସଂଖୋଳିବେ ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ

ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ । "ଯାକୁବ ୧:୨୨-୨୭) । ବାକ୍ୟ ଶ୍ରବଣ କରି, କାର୍ଯ୍ୟ ନ କରିବା ଲୋକେ ମାଥିଉ ୭:୨୪-୨୭ ପଦାନୁଯାୟୀ ବୁଦ୍ଧିହୀନ ବ୍ୟକ୍ତିରୂପେ ପରିଗଣିତ ହୁଅନ୍ତି ।

ପଠିତ ବାକ୍ୟ ପାଳନ ନକଲେ ଆମ୍ଭେମାନେ କୌଣସିଭାବେ ଫଳପ୍ରଦ ହୋଇପାରିବା ନାହିଁ । ସ୍ୱାଧୀନତାର ବ୍ୟବସ୍ଥା ଆମ୍ଭେମାନେ ସଦାସର୍ବଦା ଶ୍ରବଣ କରି ନିରନ୍ତର ପାଳନ କରିବା ଦ୍ୱାରା, ଏ ଜୀବନ ଶେଷରେ ଜୀବନରୂପ ମୁକୁଟ ପ୍ରାପ୍ତ ହୋଇପାରିବା ।

ଯାକୁବଙ୍କ ଅନୁଯାୟୀ ଆମ୍ଭେମାନେ (୧) ଜିହ୍ୱାକୁ ବଶୀଭୂତ କରି (୨) ବିଧବା ଓ ଅନାଥମାନଙ୍କୁ ସଂଖୋଳି (୩) ଆପଣା ଆପଣାକୁ ଜଗତର ମଳିନତାରୁ ନିଷ୍କଳଙ୍କ ରଖିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୋଇପାରିବୁ ।

ସତ୍ୟ ଶ୍ରବଣ କରିବା ଯଥେଷ୍ଟ ନୁହେଁ, କିନ୍ତୁ ଶ୍ରବଣ କରି, ପାଳନ କରିବା ଆବଶ୍ୟକ । "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ । ସେ ପ୍ରବେଶ କରିବ । (ମାଥିଉ ୭:୨୧) । ଆପଣ କି କେବଳ ଶ୍ରବଣକାରୀ, କିଅବା ତାହାଙ୍କ ବାକ୍ୟ ପାଳନକାରୀ ? ଆପଣ କି ତାହାଙ୍କ ବାକ୍ୟ ଶ୍ରବଣ କରି (ରୋମୀୟ ୧୦:୧୭), ଯୀଶୁଙ୍କ ଠାରେ ବିଶ୍ୱାସ କରି (ଯୋହନ ୮:୨୪), ପାପରୁ ମନ ପରିବର୍ତ୍ତନ କରି (ପ୍ରେରିତ ୧୭:୩୦), ତାହାଙ୍କ ଠାରେ ଥିବା ବିଶ୍ୱାସ ଅନ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରି (ରୋମୀୟ ୬:୯-୧୦) । ତାହାଙ୍କ ଠାରେ ବାପ୍ତିଜିତ ହୋଇଅଛନ୍ତି ? ଯେଉଁମାନେ ଈଶ୍ୱର ଇଚ୍ଛା ଜାଣି ପାଳନ କରନ୍ତି, ଇହଲୋକରେ ଓ ପରଲୋକରେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି, ଯେଉଁମାନେ ତାହାଙ୍କ ବାକ୍ୟ ପାଳନ କରନ୍ତି ନାହିଁ, ଅନନ୍ତକାଳ ନିମନ୍ତେ ଶାପଗ୍ରସ୍ତ ହେବେ ।

ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟ ଯେତେ ଶିକ୍ଷା କରିଅଛୁ, ତାହା କି ପାଳନ କରୁଅଛୁ ? ଆପଣା ଆପଣାକୁ ପରୀକ୍ଷା କରନ୍ତୁ ।

**- Charles Box**

❋❋❋

# ଏହା ସତ୍ୟ

ଏହା ସତ୍ୟ ଅଟେ ଯେ :-

୧) ଯେ ମିତ୍ରତା ଆଶା କରେ, ସେ ସ୍ନେହୀ ହେବା ଆବଶ୍ୟକ (ହିତ ୧୮:୨୪)।

୨) ଗ୍ରହଣ କରିବା ଅପେକ୍ଷା ଦାନ କରିବା ଶ୍ରେୟସ୍କର (ପ୍ରେରିତ ୨୦:୩୫)।

୩) ଯେଉଁମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ। (ଲୂକ ୬:୩୮)

୪) ଆମ୍ଭେ ଯାହା ବୁଣୁ, ତାହାହିଁ କାଟିବା (ଗାଲାତୀ ୬:୭)।

୫) ସଦାପ୍ରଭୁଙ୍କ ଚକ୍ଷୁ ସର୍ବତ୍ର ଥାଇ ଅଧମ ଓ ଉତ୍ତମ ଲୋକଙ୍କୁ ନିରୀକ୍ଷଣ କରେ। (ହିତ ୧୫:୪)

୬) ସଦାପ୍ରଭୁ ଆମ୍ଭର ପକ୍ଷ ଥିଲେ, ଆମ୍ଭେ ଭୟ ନକରୁ ! (ଗୀତ ୧୧୮:୬)।

୭) ଯେଉଁମାନେ ବାୟୁ ବୁଣନ୍ତି ସେମାନେ ଘୂର୍ଣ୍ଣିବାୟୁ ରୂପେ ଶସ୍ୟ କାଟିବେ (ହୋଶେୟ ୮:୭)

୮) ସଦାପ୍ରଭୁ ସମସ୍ତ ଜଗତକୁ ପ୍ରେମ କରନ୍ତି (ଯୋହନ ୩:୧୬)।

୯) ପରସ୍ପରକୁ ପ୍ରେମ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ। (ଯୋହନ ୧୫:୧୦)।

୧୦) ଶତ୍ରୁକୁ ପ୍ରେମ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଶିକ୍ଷା ଦେଇଥିଲେ (ମାଥିଉ ୫:୪୪)।

୧୧) ଅସାର ପଥ ବିନାଶକୁ ଘେନିଯାଏ। (ମାଥିଉ ୭:୧୪)।

୧୨) ସଂକୀର୍ଣ୍ଣପଥ ଅନନ୍ତ ଜୀବନକୁ କଢ଼ାଏ (ମାଥିଉ ୭:୧୪)।

୧୩) ବିଶ୍ୱାସ କରି ବାପ୍ତିଜିତ ହେବା ଲୋକେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି। (ମାର୍କ ୧୬:୧୬, ୧ମ ପିତର ୩:୨୧, ପ୍ରେରିତ ୨:୩୮)

୧୪) ଆମ୍ଭମାନଙ୍କ ନିମନ୍ତେ ଏହି ଜଗତରେ ଧନ ସଞ୍ଚୟ ନ କରିବା ପାଇଁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ଶିକ୍ଷିତ ହୋଇଅଛୁ (ମାଥିଉ ୬:୧୧୯)

୧୫) ମହାନ ହେବା ପାଇଁ, ଆମ୍ଭେମାନେ ପ୍ରଥମେ ସେବକ ହେଉ (ମାଥିଉ ୨୦:୨୬-୨୮)।

୧୬) ପରମେଶ୍ୱରଙ୍କ ଭୟକାରୀମାନେ ତାହାଙ୍କ ଆଜ୍ଞାପାଳନ କରନ୍ତି (ଯୋହନ ୧୪:୨୧,୨୩)।

୧୭) ଯେ ପରମେଶ୍ୱରଙ୍କୁ ପ୍ରେମ କରେ ବୋଲି କହି ତାହାଙ୍କ ଆଜ୍ଞା ପାଳନ ନକରେ, ସେ ମିଥ୍ୟାବାଦୀ (୧ମ ଯୋହନ ୨:୩,୪)।

୧୮) ବିଶ୍ୱସ୍ତ ଜୀବନଯାପନ କରିବା ପ୍ରତ୍ୟେକ ଜୀବନରୂପ ମୁକୁଟ ପ୍ରାପ୍ତ ହେବେ (ପ୍ରକାଶିତ ୨:୧୦)

**- Mrs. Margie Overton**

**Edited & Published by : Kabita & Joshua Gootam**

# THE POOR MAN AND THE RICH MAN

*Luke 16:19-31*

## INTRODUCTION :

1. This is a true story.
2. It concerns a poor man and a rich man.
    a. A good man and a bad man.
    b. But being poor didn't make him good and being rich din't make him bad.
3. Both died and experienced life beyond the grave.
4. This is a lesson designed to help each one of us to prepare for the futurue life.

## DiSCUSSION :

### I. The poor Man.

1. His name was Lazarus. 2. He was a beggar. 3. He was full of sores. 4. He lay at the gate of a rich man. 5. He desired to be fed with the crumbs that fell from the rich man's table. 6. Dogs came and licked his sores. 7. This man died. 8. He was carried by the angels into Abraham's bosom.

### II Rich Man.

1. Jesus said there was a certain rich man. 2. He was clothed in purple and fine linen. 3. He fared sumptuosuly every day. 4. The rich man also died. 5. And was buried. 6. And in hell he lifted up his eyes being in torment. 7. There he saw Lazarus in Abraham's bosom. 8. He begged Father Abraham to send Lazarus that the might dip the tip of his finger in water and cool his tongue.

### III. What the rich man Discovered in hell.

1. That riches aren't every thing. (1 Thimothy 6:10). 2. That death comes even to the rich. (Heb 9:27).

3. That there is a hell. (Matt. 25:46). 4. That it is a place of torment. 5. That it continues on. 6. That there is no way to escape. 7. That one cannot return to the earth from the dead.

**CONCLUSION :**

1. Do you want to go to Hell?
2. Jesus teaches that if one believes not he will be condemned. (Mark 16:16).
3. Paul says the Lord is coming to punish those who obey not the gospel. (2 Thess. 1:7-9).
4. So you must obey God to be saved.
5. Prepare now while you have the opportunity.

**- J.C. Choate**

From:
**SATYA VANI**
**P.O. BOX 80,**
**KAKINADA - 533 001**

Printed Book Only

To

(For Private Circulation Only)